# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ
## (ଭୂ-ଅର୍ଜନ ଉପ-ବିଭାଗ)
## (ଧାରା ୨୧(୧) ଅନୁଯାୟୀ)

ନୋଟିସ ସଂଖ୍ୟା 1456 /ତା 01.11.2018

୧. ଗ୍ରାମର ଢେରାଘର ୨. ପଞ୍ଚାୟତ କାର୍ଯ୍ୟାଳୟ ୩. ତହସିଲ କାର୍ଯ୍ୟାଳୟ ୪. ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୫. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୬. ଅଫିସ କପି

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act-2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ସୁନ୍ଦରଗଡଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଚୁଆବାହଲ, ଥାନା- ହେମଗିରି, ଜିଲ୍ଲା-ସୁନ୍ଦରଗଡରେ ନିମ୍ନ ସୂଚିତ "କ" ତଫସିଲ ଜମି ଏହି ଆଇନର ଧାରା ୨୧(୧) ପ୍ରକାରେ ଓଡିଶା ସରକାରଙ୍କୁ ପତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଏନ୍.ଟି.ପି.ସି, ଦର୍ଲିପାଲି ର ରେଳପଥ ନିର୍ମାଣ ନିମନ୍ତେ ଏକର ୦.୪୪ ଜମି ପାଇଁ ସମୁହ ମହାପ୍ରବନ୍ଧକ, ଏନ.ଟି.ପି.ସି, ଦର୍ଲିପାଲିଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act-2013) ର ଧାରା ୧୧(୧) ଅନୁଯାୟୀ ଅଧିସୂଚନା ସଂଖ୍ୟା ୧୮୩/ତା. ୦୬.୦୩.୨୦୧୮ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ମୌଜା-ଚୁଆବାହାଲ, ଥାନା- ହେମଗିରି, ଜିଲ୍ଲା-ସୁନ୍ଦରଗଡରେ କୌଣସି ପରିବାର ବିସ୍ଥାପିତ ହେଉ ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇ ନାହିଁ । ଏହି ଭୂମି ଅଧିଗ୍ରହଣ ସକାଶେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ ର ଧାରା ୩୧ ଓ ପରିଚ୍ଛଦ ୨ ଅନୁଯାୟି ପୁନର୍ବାସ ଓ ଥଇଥାନ ପ୍ରଜୁଯ୍ୟ ନୁହେଁ ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ଥ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପ୍ରସ୍ତୁତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇଅଛି ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ, ସୁନ୍ଦରଗଡ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହାମଧ୍ୟ ଜିଲ୍ଲା ୱେବସାଇଟ୍ www.sundargarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ଯଦି କାହାର କୌଣସି ଆପତ୍ତି ଜମି ମାପ ସମ୍ବନ୍ଧିୟ କିମ୍ବା ସ୍ୱାର୍ଥ ଜନିତ ଥାଏ, ତେବେ ସେମାନେ ୩୦ ଦିନ ମଧ୍ୟରେ ତାଙ୍କର ଆପତ୍ତି ଭୂ-ଅର୍ଜନ ଅଧିକାରୀ, ସୁନ୍ଦରଗଡଙ୍କ ନିକଟରେ ଲିଖିତ ଅଭିଯୋଗ କରିପାରିବେ । ଓଡିଶା ରାଜ୍ୟ ସରକାରଙ୍କ ଘୋଷଣାନାମା ସଂଖ୍ୟା ୧୪୨୮/ତା. ୨୯.୧୦.୨୦୧୮ରିଖ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଂଲଗ୍ନ କରାଗଲା ।

ଭୂ-ଅର୍ଜନ ଅଧିକାରୀ
ସୁନ୍ଦରଗଡ

Collectorate, Sundargarh
(Land Acquisition Section)

Memo No. 1523 / Dt. 16/11/2018

Copy to D.I.O., NIC for information & necessary action. He is requested to upload the notice in the district web site.

for Land Acquisition Officer
Sundargarh